KK-303

# ଜିଲ୍ଲା ଦକ୍ଷତା ବୃଦ୍ଧି ଓ ନିଯୁକ୍ତି କାର୍ଯ୍ୟାଳୟ, ମୟୂରଭଞ୍ଜ

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା-୨୦୨୩-୨୪

## (ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ସହଯୋଗରେ)

ଓଡିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜର ମିଳିତ ସହଯୋଗରେ ଜିଲ୍ଲାର ସମସ୍ତ ବ୍ଲକ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ୨୦୨୩-୨୪ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ସହରାଞ୍ଚଳର ପ୍ରାର୍ଥୀମାନେ ମଧ୍ୟ ନିକଟସ୍ଥ ବ୍ଲକ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ନିଯୁକ୍ତିମେଳାରେ ଅଂଶଗ୍ରହଣ କରିପାରିବେ।

ଏହି ନିଯୁକ୍ତି ପରାମର୍ଶ ମେଳାଗୁଡିକରେ ଜିଲ୍ଲାର ବେକାର ଯୁବକ ଓ ଯୁବତୀ ମାନଙ୍କୁ ଚୟନ କରାଯାଇ ସେମାନଙ୍କର ତାଲିମ ବ୍ୟବସ୍ଥା କରାଯିବ ଓ ତାଲିମ ସମାପ୍ତ ପରେ ସେମାନଙ୍କୁ ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବ୍ୟବସ୍ଥା କରାଯିବ। ଏତଦ୍ ବ୍ୟତୀତ ତାଲିମ ସମୟରେ ମାଗଣାରେ ରହିବା, ଖାଇବା, ପିଇବା, ପୋଷାକ ପତ୍ର, ପଠନ ଉପକରଣ ଏବଂ ଟ୍ରେନିଂର ସମସ୍ତ ସୁବିଧା ସୁଯୋଗମାନ ଯୋଗାଇ ଦିଆଯିବ।

ଏହି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ୯ମ ଶ୍ରେଣୀଠାରୁ ଯୁକ୍ତ ୩ ପାସ, ଆଇ.ଟି.ଆଇ. ଓ ଡିପ୍ଲୋମା ପର୍ଯ୍ୟନ୍ତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୩୫ ବର୍ଷ ମଧ୍ୟରେ ଥିବା ବେକାର ଯୁବକ ଓ ଯୁବତୀମାନେ ଅଂଶ ଗ୍ରହଣ କରିପାରିବେ। ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୧୦ଘଟିକାଠାରୁ ଅପରାହ୍ନ ୨ଘଟିକା ମଧ୍ୟରେ ଯୋଗଦେଇ ଜିଲ୍ଲାର ବେକାରୀ ଦୂରୀକରଣରେ ସହଯୋଗ କରିବାକୁ ଅନୁରୋଧ।

### ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା-୨୦୨୩-୨୪ କାର୍ଯ୍ୟସୂଚୀ

| କ୍ର.ନଂ. | ବ୍ଲକ | ତାରିଖ |
|---|---|---|
| ୧ | ବାରିପଦା | ୨୮.୧୧.୨୦୨୩ |
| ୨ | ସାମାଖୁଣ୍ଟା | ୨୯.୧୧.୨୦୨୩ |
| ୩ | ମୋରଡା | ୩୦.୧୧.୨୦୨୩ |
| ୪ | ରାସଗୋବିନ୍ଦପୁର | ୦୧.୧୨.୨୦୨୩ |
| ୫ | ବେତନଟୀ | ୦୨.୧୨.୨୦୨୩ |
| ୬ | ଖୁଣ୍ଟା | ୦୪.୧୨.୨୦୨୩ |
| ୭ | ଶୁଳିଆପଦା | ୦୫.୧୨.୨୦୨୩ |
| ୮ | ବଡ଼ସାହି | ୦୬.୧୨.୨୦୨୩ |
| ୯ | କୁଳିଆଣା(ଡାହୁଆ) | ୦୭.୧୨.୨୦୨୩ |
| ୧୦ | ବାଙ୍ଗିରିପୋଷି | ୦୮.୧୨.୨୦୨୩ |
| ୧୧ | ଗୋପବନ୍ଧୁ ନଗର | ୧୧.୧୨.୨୦୨୩ |
| ୧୨ | ସାରସକଣା | ୧୨.୧୨.୨୦୨୩ |
| ୧୩ | କପ୍ତିପଦା | ୧୩.୧୨.୨୦୨୩ |

| କ୍ର.ନଂ. | ବ୍ଲକ | ତାରିଖ |
|---|---|---|
| ୧୪ | ଉଦଳା | ୧୪.୧୨.୨୦୨୩ |
| ୧୫ | ବିଜାତଳା | ୧୫.୧୨.୨୦୨୩ |
| ୧୬ | ରାଇରଙ୍ଗପୁର | ୧୬.୧୨.୨୦୨୩ |
| ୧୭ | ବିଶୋଇ | ୧୮.୧୨.୨୦୨୩ |
| ୧୮ | ଯଶିପୁର | ୧୯.୧୨.୨୦୨୩ |
| ୧୯ | ତିରିଙ୍ଗ | ୨୦.୧୨.୨୦୨୩ |
| ୨୦ | ବହଳଦା | ୨୧.୧୨.୨୦୨୩ |
| ୨୧ | କୁସୁମୀ | ୨୨.୧୨.୨୦୨୩ |
| ୨୨ | ଜାମଦା | ୨୬.୧୨.୨୦୨୩ |
| ୨୩ | ରାରୁଆଁ | ୨୭.୧୨.୨୦୨୩ |
| ୨୪ | ସୁକ୍ରୁଳି | ୨୮.୧୨.୨୦୨୩ |
| ୨୫ | କରଞ୍ଜିଆ | ୨୯.୧୨.୨୦୨୩ |
| ୨୬ | ଠାକୁରମୁଣ୍ଡା | ୩୦.୧୨.୨୦୨୩ |

ଜିଲ୍ଲା ଦକ୍ଷତା ବୃଦ୍ଧି-ତଥା-
ନିଯୁକ୍ତି ଅଧିକାରୀ, ମୟୂରଭଞ୍ଜ
ଫୋନ : ୦୬୭୯୨-୨୫୨୭୪୬

ଜିଲ୍ଲାପାଳ, ମୟୂରଭଞ୍ଜ

OIPR-17038/11/0001/2324